# Akashvani, Sambalpur

# SAMBALPURI NEWS MORNING BULLETIN

# 16 April 2026 - 6.47- 6.52 am.

---

ସଂସଦ୍ ସ୍ୱତନ୍ତ୍ର ଅଧିବେଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକ୍‌ସଭା ଆଉ ବିଧାନ୍‌ସଭା ନ ୩୩ ପ୍ରତିଶତ୍ ମହିଳା ସଂରକ୍ଷଣ୍ ଲାଗୁ କର୍‌ବାର୍ ଲାଗି ଆଏଜ୍‌ଠାନୁ ସଂସଦ୍‌ର ସ୍ୱତନ୍ତ୍ର ଅଧିବେଶନ୍ ମୁଲ୍ ହେଉଛେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଉ ଆଇନ୍‌ମନ୍ତ୍ର ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ -୨୦୨୩ ଥି ସଂଶୋଧନ୍ ଲାଗି ବିଲ୍‌କେ ଆଗତ୍ କର୍‌ବେ । ଇ ସ୍ୱତନ୍ତ୍ର ଅଧିବେଶନ୍ ୧୮ ତାରିଖ୍‌ତକ୍ ଚାଲ୍‌ବା । ଆଏଜ୍ ଉପର୍‌ବେଲା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହକେ ସମ୍ବୋଧନ୍ କର୍‌ବେ । ମହିଳା ସଂରକ୍ଷଣ୍ ସହେତେ ସୀମା ପୁନଃନିର୍ଦ୍ଧାରଣ୍ ପ୍ରକ୍ରିୟା ଭିଲ୍ ଜଡ଼ିତ୍ ଅଛେ । ହେଥିର୍‌ଲାଗି ସମ୍ବିଧାନ୍ ସଂଶୋଧନ୍ ବିଲ୍, ସୀମା ପୁନଃ ନିର୍ଦ୍ଧାରଣ୍ ସଂଶୋଧନ୍ ବିଲ୍ ଆଉ କେନ୍ଦ୍ରଶାସିତ୍ ଆଇନ୍ ସଂଶୋଧନ୍ ବିଲ୍-୨୦୨୬ ଭିଲ୍ ସଂସଦ୍ ନ ଅନାଯିବାର୍ ସମ୍ଭାବନା ରହିଛେ ।

ନାରୀଶକ୍ତି ବନ୍ଦନ୍ ଦୌଡ       ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍ଫୁ ମହିଳା ନେତୃତ୍ୱାଧୀନ୍ ବିକାଶ୍‌କେ ତହଁକାବାର୍ ଆଉ ନାଗରିକ୍ ଭାଗିଦାରୀକେ ବଢ଼ାବାର୍ ଲାଗି ଆଏବାକାଏଲ୍ ଆଉ ୧୮ ତାରିଖ୍ ସାରା ଦେଶେ ନାରୀଶକ୍ତି ବନ୍ଦନ୍ ଦୌଡ଼ର ଆୟୋଜନ୍ କରାଯିବା । ଇ ଦୌଡ଼ କଟକ୍ ସହେତେ ଦିଲ୍ଲୀ, ମୁମ୍ବାଇ, ଇନ୍ଦୋର୍, ବେଙ୍ଗାଲୁରୁ, ପାଟ୍‌ନା ଆଉ ଜୟପୁର୍ ନ କରାଯିବା । ପାଟ୍‌ନା ଆଉ ଜୟପୁର୍ ଠାନେ ଆଏବା କାଏଲ୍ ଆଉ ବାକି ସହର୍‌ମାନ୍‌କେ ୧୮ ତାରିଖ୍ ଇ କାର୍ଯ୍ୟକ୍ରମ୍ ହେବା । ପାଖାପାଖି ୨ ନୁ ୩ କିଲୋମିଟର୍ ଦୌଡ଼ ସଙ୍ଗେ ଉଦ୍‌ଘାଟନୀ ଅଧିବେଶନ୍, ଶପଥ୍ ଗ୍ରହଣ୍ ଆଉ ପ୍ରମାଣ୍‌ପତ୍ର ବଂଟାଯିବା । ଛାତ୍ରୀ, ପେଶାଦାର୍ କ୍ରୀଡ଼ାବିତ୍‌ଙ୍କର୍ ସହେତେ ଭିନ୍ ଭିନ୍ ବର୍ଗର୍ ମହିଳାମାନେ ଭାଗ୍ ନେବାର୍‌କେ ଇଥି ଲକ୍ଷ୍ୟ ରଖାଯାଇଛେ ।

ନୂଆଁ ବଦ୍‌ଲି ଆଉ ପୋଷ୍ଟିଂ ନୀତି       ଆଇ ଆଣ୍ଡ୍ ପି.ଆର୍

ରାଏଜେ ପ୍ରଶାସନ୍‌କେ ଅଏତ୍‌କା ସ୍ୱଚ୍ଛ ଆଉ ପ୍ରଭାବ୍‌ଶାଲୀ କର୍‌ବାର୍ ଲାଗି ଓଡ଼ିଶା ସର୍‌କାର୍ ଓ.ଏ.ଏସ୍. କନିଷ୍ଠ ବର୍ଗ ଆଉ ଓ.ଆର୍.ଏସ୍. ଅଧିକାରୀମାନ୍‌କର୍ ଲାଗି ନୂଆଁ ବଦ୍‌ଲି ଆଉ ପୋଷ୍ଟିଂ ନୀତି ଲାଗୁ କରିଛନ୍ । ନୂଆଁ ନିୟମ୍ ଅନ୍‌ସାରେ ଇ ବଛର୍ ଏପ୍ରିଲ୍ ୧୫ ନୁ ଜୁନ୍ ୧୫ ତକ୍ ସାଧାରଣ୍ ବଦ୍‌ଲି କାମ୍ କରାଯିବା । ଅଧିକାରୀମାନେ ଗୁଟେ ଜାଗା ନ ସବୁନୁ କମ୍ ୨ ବଛର୍ ଆଉ ସବୁନୁ ଅଏତ୍‌କା ୩ ବଛର୍ ରହିପାର୍‌ବେ । ସେବାର ପହେଲା ୬ ବଛର୍ ଭିତ୍‌ରେ କ୍ଷେତ୍ରସ୍ତର୍ ନ କାମ୍ କର୍‌ବାର୍‌ଟା ବାଧ୍ୟତାମୂଲକ୍ କରାଯାଇଛେ । କେବିକେ ଆଉ ଅଲ୍‌ଗା ଅନୁସୂଚିତ୍ ଇଲାକା ନ ପୋଷ୍ଟିଂକେ ପ୍ରାଥମିକତା ଦିଆଯିବା । ଗୁଟେ ଜିଲ୍ଲା ନ ୬ ବଛର୍‌ନୁ ଅଏତ୍‌କା ନାଇଁ ରହିପାରନ୍ ଆଉ ଘରୋଇ ଜିଲ୍ଲା ନ ପୋଷ୍ଟିକେ ନିଷେଧ୍ କରାଯାଇଛେ । ଇତାର୍‌ସହେତେ ବଦ୍‌ଲି ଲାଗି କେନ୍‌ସି ପ୍ରକାରର୍ ସୁପାରିଶ୍‌କେ ସର୍‌କାର୍ ନିଷେଧ୍ କରିଛନ୍ । ଦିବ୍ୟାଙ୍ଗ ଆଉ ଦମ୍ପତି ମାମ୍‌ଲାଥି ଖାସ୍ ବିଚାର୍ କରାଯିବା ବଲି ସର୍‌କାର୍ ସ୍ପଷ୍ଟ କରିଛନ୍ ।

ଉପଲବ୍ଧି ପୋର୍ଟାଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ଉପଲବ୍ଧି ପୋର୍ଟାଲ୍ କାର୍ଯ୍ୟକ୍ଷମ୍ ହେବା । ଇ ପୋର୍ଟାଲ୍‌ଥି ଫି’ ମାସ ଭିନ୍ ଭିନ୍ ବିଭାଗ୍‌ର କାମ୍‌ର ଅଗ୍ରଗତି ଆଉ ସଫଲତା ଅପ୍‌ଲୋଡ୍ କରାଯିବା । ଯେନ୍‌ଟା ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ଅନୁଧ୍ୟାନ୍ କର୍‌ବା ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ସଚିବସ୍ତରୀୟ ବୈଠକ୍‌ଥି ଇ ପୋର୍ଟାଲ୍ କାର୍ଯ୍ୟକାରୀ ହେବାର୍ ବାବ୍‌ଦେ ସି.ଏମ୍.ଜି.ଆଇ. ତର୍‌ଫୁ ରୂପରେଖ ଉପସ୍ଥାପିତ୍ କରାଯାଇଥିଲା । ଇତାର୍‌ସହେତେ ଆଇ ଗଟ୍ କର୍ମଯୋଗୀ ଭାରତ୍ ପୋର୍ଟାଲ୍‌ଥି ୯୮ ପ୍ରତିଶତ୍ ତାଲିମ୍ ନେଇଥିବାର୍ ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । ସାଧନା ସପ୍ତାହ ଅବ୍‌ସରେ ଦକ୍ଷତା ବିକାଶ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଜରିଏ ରାଏଜେ ଅଧିକାରୀ ଆଉ କର୍ମଚାରୀମାନେ ପ୍ରଶିକ୍ଷଣ୍ ନେଇଥିଲେ ।

ଜନଗଣନା -୨୦୨୭ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଗଲା ୧ ତାରିଖ୍ ନୁ ଡିଜିଟାଲ୍ ଜନଗଣନା ମୁଲ୍ ହେଇଛେ । ଇଥି ଆଏଜ୍ଠାନୁ ଗୃହ ତାଲିକା ଆଉ ଗୃହ ଜନଗଣନା ମୁଲ୍ ହେବା । ଗଣନାକାରୀମାନେ ଘର୍ଘର୍ ବୁଲିକରି ଆଏବା ମାସ ୧୫ ତାରିଖ୍ତକ୍ ଘର୍, ପରିବାର୍, ସମ୍ପତି ଆଉ ଅଲ୍ଗା ଆନୁସାଙ୍ଗିକ୍ ସୁବିଧା ସୁଯୋଗ୍ ବାବ୍ଦେ ତଥ୍ୟ ଠୋଲ୍ କର୍ବେ । ଜନସାଧାରଣ୍ଙ୍କର୍ ସବୁ ସୂଚ୍ନା ପୁରାପୁରି ଗୋପନୀୟ ଆଉ ସୁରକ୍ଷିତ୍ ରଖାଯିବା ବଲି ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ ।

ସୁଭଦ୍ରା        ଆର୍ଏନ୍ୟୁ/ କଟକ୍

ସୁଭଦ୍ରା ଯୋଜ୍ନାଥି ସାମିଲ୍ ହେବାର୍ ଲାଗି ଆଏବା ମାସ ୧ ତାରିଖ୍ନୁ ୩୦ ତାରିଖ୍ ଭିତ୍ରେ ନୂଆଁ ହିତାଧିକାରୀମାନେ ଆବେଦନ୍ କରିପାର୍ବେ । ଇ ବାବ୍ଦେ ସୂଚ୍ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ସୁଭଦ୍ରା ଯୋଜ୍ନାଥି ସାମିଲ୍ ହେବାର୍ ଲାଗି ୨୧ ବଛର୍ ବୟସର୍ ହିତାଧିକାରୀମାନେ ଆବେଦନ୍ କରିପାର୍ବେ । ଅନ୍ଲାଇନ୍ ଜରିଏ ଆବେଦନ୍ ବେଲେ ବୈଷୟିକ ତ୍ରୁଟି ଦେଖାଦେଲେ ଧାରିଜ୍ ସମିଆକେ ଆଉ ୫ ଦିନ୍

ବଢ଼ାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

୧୦ ଶ୍ରେଣୀର୍ ପରୀକ୍ଷାଫଲ୍ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍- ସିବିଏସ୍ଇ ତର୍ଫୁ ୧୦ ଶ୍ରେଣୀର୍ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ଦେଶେ ମୋଟ୍ ୯୩ ଦଶ୍ମିକ୍ ୭/ଶୂନ୍ ପ୍ରତିଶତ୍ ଛାତ୍ରଛାତ୍ରୀ ପାସ୍ କରିଛନ୍ । ଗଲାବଛର୍‌ନୁ ଇ ବଛର୍ ପାସ୍ ହାର ଶୂନ୍ ଦଶ୍ମିକ୍ ୪ ପ୍ରତିଶତ୍ ବଢ଼ିଛେ । ଓଡ଼ିଶାର୍ ପାସ୍ ହାର ୯୩ ଦଶ୍ମିକ୍ ୬/୬ ପ୍ରତିଶତ୍ ରହିଛେ । ଭୁବ୍‌ନେଶ୍ୱର୍‌ର ଛାତ୍ରୀ ଟୀନା ରଥ ଶହେ ପ୍ରତିଶତ୍ ନମ୍ବର୍ ରଖିକରି ସର୍ବଭାରତୀୟସ୍ତରଥି ଟପ୍ପର୍ ହେଇଛନ୍ । ଛାତ୍ରଛାତ୍ରୀମାନ୍‌କର୍ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇଛନ୍ ।

ନୃସିଂହନାଥ୍ ବୈଶାଖ୍ ମେଳା ଆର୍ଏନ୍ୟୁ/ ସମ୍ବଲପୁର

ପଦମ୍ପୁର୍ର ନୃସିଂହନାଥ ପୀଠ ନ ଆଏବା ୨୬ ନୁ ମେ ୧ ତାରିଖ୍ତକ୍ ୬ ଦିନ୍ ଧରିକରି ପ୍ରସିଦ୍ଧ ନୃସିଂହନାଥ୍ ବୈଶାଖ୍ ମେଳା ହେବା । ଇତାକେ ଠିକ୍ ଭାବେ ପରିଚାଳନା କର୍ବାର୍ ଲାଗି ପ୍ରଶାସନ୍ ତର୍ଫୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପଦମ୍ପୁର୍ ଉପଜିଲ୍ଲାପାଳ୍ ହେମ୍ସାଗର୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ପଦମ୍ପୁର୍ ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ୍ ଯୋଗ୍ ଦେଇକରି ଭିନ୍ ଭିନ୍ ବିଷେ ଉପ୍ରେ ଆଲୋଚନା କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍ବାର୍କେ ଲାଗିଛେ । ଆଏବା ୭ ଦିନ୍ତକ୍ ଜିଲ୍ଲାମାନ୍କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ଆଏଜ୍ ଉପର୍ବେଲାତକ୍ ରାଜ୍ୟର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍କେ ଧୁକାଗର୍ଜିର୍ ସମ୍ଭାବନା ରହିଛେ । ପଶ୍ଚିମ ଓଡ଼ିଶାର୍

ଭିନ୍ ଭିନ୍ ଜିଲ୍ଲା ନ ତାପମାତ୍ରା ଗଲାକାଏଲ୍ ୪୦ ଡିଗ୍ରୀ ଉପ୍ରେ ଥିବାର୍ ବେଲେ ଟିଟିଲାଗଡ଼୍ ନ ସବୁନୁ ଜହ ୪୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଥିଲା ।